# ଆତ୍ମନିର୍ଭରଶୀଳ ପାଇଁ
# ଛତୁ ଚାଷ












କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

भाकृअनुप
ICAR

# ଆତ୍ମନିର୍ଭରଶୀଳ ପାଇଁ

# ଛତୁ ଚାଷ





ବିଷୟବସ୍ତୁ

ଶ୍ରୀ ଲବ ସୋରେନ୍, ବୈଜ୍ଞାନିକ, (ଶସ୍ୟ ସଂରକ୍ଷଣ)

କୁମାରୀ ସାଧନା ସ୍ୱସ୍ତିକା, ବୈଜ୍ଞାନିକ (ଉଦ୍ୟାନକୃଷି)

ଶ୍ରୀ ନୀଳମାଧବ ସାସମଲ, ଅଧକ୍ଷ, ଆଗ୍ରୋପଲିଟେକ୍‌ନିକ୍

ସଂପାଦନା

ଡଃ. ସୁଜିତ୍ କୁମାର ନାଥ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ପୁରୁଣାଗଡ଼, ଦେବଗଡ଼

**KRISHI VIGYAN KENDRA, DEOGARH**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

**ODISHA UNIVERSITY OF AGRICULTURE & TECHNOLOGY**

# ଆତ୍ମନିର୍ଭରଶୀଳ ପାଇଁ ଛତୁଚାଷ

*ଲେଖକ :*

ଲବ ସୋରେନ୍
ବୈଜ୍ଞାନିକ, ଶସ୍ୟ ସଂରକ୍ଷଣ

କୁମାରୀ ସାଧନା ସ୍ୱସ୍ତିକା
ବୈଜ୍ଞାନିକ (ଉଦ୍ୟାନକୃଷି)

ଶ୍ରୀ ନୀଳମାଧବ ସାସମଲ
ଅଧ୍ୟକ୍ଷ, ଆଗ୍ରୋପଲିଟେକ୍ନିକ୍

*ସଂପାଦନା :*

ଡ. ସୁଜିତ୍ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

*ପ୍ରକାଶକ :*

କୃଷି ବିଜ୍ଞାନ କେନ୍ଦ୍ର
ପୁରୁଣାଗଡ଼, ଦେବଗଡ଼-୭୬୮୧୧୯
ଫୋନ୍: ୦୬୬୪୧-୨୨୬୧୨୨

*ପ୍ରଥମ ପ୍ରକାଶ:*

ଜାନୁଆରୀ,୨୦୨୦

*ମୁଦ୍ରଣ :*

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By**

**Shri Laba Soren**
Scientist (Plantprotection)
**Miss Sadhana Swastika**
Scientist (Horticulture)
**Shri Nilamadhaba Shasamal**
Principal, Agropolytechnic

**Editor** :
**Dr. Sujit Kumar Nath**
Sr. Scientist and Head
KVK, Deogarh

**Published by** :
Krishi Vigyan Kendra
Purunagarh, Deogarh-768119
Ph.: 06641-226122
kvkdeogarh.ouat@gmail.com

First Publication:
January.2020

**Printed by :**
Ankita Graphics, Bhubaneswar.
saroj77337@gmail.com
Ph : 9437077337

# ଆତ୍ମନିର୍ଭରଶୀଳ ପାଇଁ ଛତୁଚାଷ

ଆମ ରାଜ୍ୟର ଗାଁ ଗହଳ ଠାରୁ ସହର ବଜାର ପର୍ଯ୍ୟନ୍ତ ଛତୁର ଯଥେଷ୍ଟ ଚାହିଦା ରହିଛି । ପ୍ରତ୍ୟେକ ସହରର ଛୋଟ ବଡ ଛକ ଓ ଗାଁର ପେଣ୍ଠ ସ୍ଥଳରେ ଛତୁ ମୁଖ୍ୟ ପରିବା ପରି ବିକ୍ରି ହେଉଛି । ଏହା କେବଳ ଯେ ଶାକାହାରୀ ଲୋକମାନଙ୍କର ପ୍ରିୟ ଖାଦ୍ୟ ହୋଇଛି ତା' ନୁହେଁ, ଆମିଶାଷୀମାନେ ମଧ୍ୟ ଏହାକୁ ଉତ୍ତମ ଖାଦ୍ୟଭାବେ ପସନ୍ଦ କରୁଛନ୍ତି । ଧୀରେ ଧୀରେ ସହର ତଳି ଗ୍ରାମମାନଙ୍କରେ ଛତୁଚାଷ ଗ୍ରାମର ପଢୁଆ ଯୁବକ ଓ ଗୃହିଣୀ ମାନଙ୍କ ପାଇଁ ଏକ ରୋଜକାର ପନ୍ଥା ଭାବେ ପରିଗଣିତ ହେଲାଣି । ଆମ ଦେବଗଡ଼ ଜିଲ୍ଲାରେ ଛତୁର ଦରକୁ ପର୍ଯ୍ୟାଲୋଚନା କଲେ ଏହାର ସ୍ୱଳ୍ପ ଉତ୍ପାଦନ ଓ ଅତ୍ୟଧିକ ଚାହିଦା ଥିବା ଜଣାଯାଏ । ଏହାକୁ ଏକ ଆତ୍ମ ନିଯୁକ୍ତି ପନ୍ଥାଭାବେ ଗ୍ରହଣ କଲେ ଆମ ଜିଲ୍ଲାର ଅନେକ ଯୁବକ ଯୁବତୀ ବେଶ୍ ରୋଜଗାରକ୍ଷମ ହୋଇ ପାରିବେ । ଆମ ଜିଲ୍ଲାରେ ଗରିବ ସୀମାରେଖା ତଳେ ଥିବା ଯୁବକ ଯୁବତୀ ଓ ଚାଷୀମାନେ ଛତୁ ଚାଷର ସୀମିତ ଖର୍ଚ୍ଚକୁ ଲକ୍ଷ୍ୟକରି ଏହାକୁ ଧନ୍ଦା ଭାବରେ ଗ୍ରହଣ କଲେ ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରିବେ ।

ଜଳବାୟୁ ଭିତ୍ତିରେ ଆମ ରାଜ୍ୟରେ ମୁଖ୍ୟତଃ ପାଳଛତୁ ଓ ଧିଙ୍ଗିରି ଛତୁ ବହୁଳ ଭାବରେ ଚାଷ ହୋଇପାରୁଛି । ପାଳଛତୁ ମାର୍ଚ୍ଚ ମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ (୧୫ ରୁ ୩୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପ) ଏବଂ ଧିଙ୍ଗିରି ଛତୁ ନଭେମ୍ବରରୁ ଫେବୃଆରୀ ମାସ (୨୦ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପ) ପର୍ଯ୍ୟନ୍ତ ଚାଷ ହୋଇଥାଏ ।

## ଛତୁ ଚାଷର ଆବଶ୍ୟକତା:

- ଛତୁ ଏକ ସୁସ୍ୱାଦୁ ଓ ରୁଚିକର ଖାଦ୍ୟ । ଏଥିରେ ଅଧିକ ପରିମାଣରେ ପୃଷ୍ଟିସାର, ସ୍ୱଳ୍ପ ଶର୍କରା ଓ ଚର୍ବି, ବିଭିନ୍ନ ପ୍ରକାର ଭିଟାମିନ୍ ଓ ଧାତବ ଲବଣ ଜାତୀୟ ଖାଦ୍ୟ ରହିଛି ।
- ଏହା ମଧୁମେହ, ହୃଦରୋଗ, ରକ୍ତଚାପ, ଅମ୍ଳ ଓ କୋଷ୍ଠକାଠିନ୍ୟ ରୋଗୀମାନଙ୍କର ଉପଯୁକ୍ତ ଖାଦ୍ୟ ରୂପେ ବ୍ୟବହାର ହୋଇଥାଏ ।
- ବୟସ୍କ, ଶିଶୁ, ଗର୍ଭବତୀ ମହିଳା ଏବଂ ଅଧିକ ମୋଟା ଲୋକମାନେ ଏହାକୁ ଖାଦ୍ୟରୂପେ ବ୍ୟବହାର କରିପାରିବେ ।
- ପାଳଛତୁ ୧୨ ରୁ ୧୫ ଦିନ ଓ ଧିଙ୍ଗିରି ଛତୁ ୨୦ ରୁ ୨୫ ଦିନ ମଧ୍ୟରେ କମ୍ ଖର୍ଚ୍ଚରେ ଅମଳ ହୋଇ ପାରୁଥିବାରୁ ଯେକୌଣସି ବ୍ୟକ୍ତି ସହଜରେ ଏଥିରୁ ଅର୍ଥ ରୋଜଗାର କରିପାରିବେ ।

- ଏହି ଚାଷପାଇଁ ଆବଶ୍ୟକ ଜ୍ଞାନ କୌଶଳ ଅତ୍ୟନ୍ତ ସରଳ ଓ ସହଜ ଲବ୍ଧ ।
- ଛତୁ ଚାଷ ପାଇଁ ଜମି ଜମାର ବିଶେଷ ଆବଶ୍ୟକତା ନଥିବାରୁ, ଭୂମିହୀନ ନାମମାତ୍ର ଓ କ୍ଷୁଦ୍ରଚାଷୀ ସେମାନଙ୍କ ଘରବାଡି ଜମିରେ ୧୨୦୦୦ ଟଙ୍କା ବିନିଯୋଗ କରି ୧୨୦୦ ବର୍ଗଫୁଟରୁ ମାସିକ ଅତିକମ୍‌ରେ ୧୫୦୦୦ଟଙ୍କା ରୋଜଗାର (ଲାଭ) କରିପାରିବେ ।
- ଛତୁଚାଷ ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ (ନଡା, ତାଲିଗୁଣ୍ଡ, ବେସନ, ଗହମ) ସହଜରେ ମିଳୁଥିବାରୁ, ଏହା କଷ୍ଟକର କାର୍ଯ୍ୟନୁହେଁ କିମ୍ବା ଏହି କାର୍ଯ୍ୟ କରିବା ପାଇଁ ବିଶେଷ ଯନ୍ତ୍ରପାତି କିମ୍ବା ତାଲିମର ଦରକାର ହୁଏ ନାହିଁ । ଏଣୁ ଘରେ ଗୃହିଣୀ, ପିଲାମାନେ ଏବଂ ଅବସର ସମୟରେ ପୁରୁଷମାନେ ଛତୁ ଚାଷରେ ଲାଗିପାରିବେ ।
- ଧାନ ଓ ଗହମ ନଡ଼ା ଆଦିରୁ ଛତୁ ଉତ୍ପାଦନ କରାଯାଇ ଅମଳ ପରେ ଗୋଖାଦ୍ୟ କିମ୍ବା କମ୍ପୋଷ୍ଟ ରୂପେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

**ଆବଶ୍ୟକୀୟ ସାମଗ୍ରୀ ଓ ଖର୍ଚ୍ଚ**

| ସାମଗ୍ରୀ | ପାଳଛତୁ | | ଧିଙ୍ଗିରି | |
|---|---|---|---|---|
| ଛତୁମଞ୍ଜି | ୧ବୋତଲ | ଟ.୧୫.୦୦ | ୧ ବୋତଲ | ଟ.୧୫.୦୦ |
| ନଡା(ବେଙ୍ଗଲା ପଡ଼ି ନଥିବା) | ୧୦ କି.ଗ୍ରା | ଟ.୪୦.୦୦ | ୨ କି.ଗ୍ରା | ଟ.୮.୦୦ |
| ଖାଦ୍ୟ | ୨୫୦ଗ୍ରା:ବୁଟ ବା ହରଡ଼ ବା ବେସନ | ଟ.୧୦.୦୦ | ୨୫୦ଗ୍ରାମ୍ ଗହମ | ଟ.୫.୦୦ |
| ପଲିଥିନ୍ ସିଟ୍ | ୮'/୮' | ଟ ୧୫.୦୦ | ୮୦x୪୦ସେ.ମି | ଟ ୫.୦୦ |
| ଶ୍ରମ ବା ଯତ୍ନ | | ଟ ୧୦.୦୦ | | ଟ୭.୦୦ |
| **ମୋଟ** | | **ଟ.୯୦.୦୦** | | **ଟ.୪୦.୦୦** |
| **ଅମଳ ଓ ଲାଭ** | | | | |
| ଅମଳ | ୧.୫ କି.ଗ୍ରା | ଟ.୧୮୦.୦୦ | ୧.୫କି.ଗ୍ରା | ଟ.୯୦.୦୦ |
| ଲାଭ ପ୍ରତ୍ୟେକଦିନ ୧୦ଟି ଭାଡ଼ି/ବେଡ଼/ପିଣ୍ଡୁଳା କଲେ | | ଟ.୯୦.୦୦ | | ଟ.୫୦.୦୦ |
| **ମାସିକ ଲାଭ ଆନୁମାନିକ** | | **ଟ.୨୭,୦୦୦** | | **ଟ.୧୫,୦୦୦** |

## ଛତୁ ଚାଷର ସୁବିଧା ଓ ସୁଯୋଗ

- ଓଡ଼ିଶାରେ ଛତୁ ଚାଷ କରିବାର ବହୁତ ସୁବିଧା ଓ ସୁଯୋଗ ରହିଅଛି। ଆମ ରାଜ୍ୟରେ ଛତୁ ଚାଷ ପାଇଁ ଆବଶ୍ୟକ ହେଉଥିବା ବର୍ଜ୍ୟବସ୍ତୁ (ନଡ଼ା, କମ୍ପୋଷ୍ଟ) ପ୍ରଚୁର ପରିମାଣରେ ରହିଅଛି।
- ଦ୍ୱିତୀୟତଃ, ଓଡ଼ିଶାର ଜଳବାୟୁ ପାଳଛତୁ, ଧିଙ୍ଗିରିଛତୁ, ଦୁଧଛତୁ ଓ ଗ୍ରୀଷ୍ମ ତାପ ସହଣୀ ଧଳା ବୋତାମ ଛତୁ ଚାଷ କରିବା ପାଇଁ ଅନୁକୂଳ ଅଟେ।
- ତୃତୀୟତଃ, ଓଡ଼ିଶାରେ ଏହାର ଚାହିଦା ରହିଅଛି। ରାଜ୍ୟରେ ଯେତେ ଛତୁ ଉତ୍ପାଦନ କରାଯାଉଅଛି ତାହାର ୯୮% ଛତୁ ସତେଜ ଅବସ୍ଥାରେ ଖିଆଯାଉଛି।
- ଚତୁର୍ଥତଃ, କୃଷି ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ଓ ଆନୁସଙ୍ଗିକ ବିଭାଗୀୟମାନଙ୍କର କାର୍ଯ୍ୟକ୍ରମ ମାଧ୍ୟମରେ ଛତୁ ଚାଷର ପ୍ରସାର ପାଇଁ ଜ୍ଞାନକୌଶଳ ଉପଲବ୍ଧ କରାଯାଉଛି। ଗ୍ରୀଷ୍ମମଣ୍ଡଳୀୟ ଛତୁ ଗବେଷଣା ଓ ତାଲିମ କେନ୍ଦ୍ର ସମସ୍ତ ଚାଷୀଙ୍କୁ ତାଲିମ ଦେବା ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ମଧଛତୁ ଚାଷ ଉପରେ ତାଲିମ, ଚାଷୀ କ୍ଷେତରେ କ୍ଷେତ୍ର ପ୍ରଦର୍ଶନ ଓ ପରୀକ୍ଷା ନିରୀକ୍ଷା କରୁଛନ୍ତି।
- ପଞ୍ଚମତଃ, ସରକାରଙ୍କ ତରଫରୁ ଚାଷୀମାନଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ମଧ ରହିଅଛି

## ଓଡ଼ିଶାରେ ବ୍ୟବସାୟିକଭିତ୍ତିରେ ଚାଷହେଉଥିବା ଛତୁ

ଆମ ଓଡ଼ିଶାର ଜଳବାୟୁ ଅନୁସାରେ ପ୍ରାୟତଃ ଚାଷୀମାନେ ପାଳଛତୁ ଓ ଧିଙ୍ଗିରି ଛତୁ ଚାଷ କରିଥା'ନ୍ତି। ଆମ ଦେଶରେ ଧାନଚାଷ ମୁଖ୍ୟ ଚାଷ ହୋଇଥିବାବେଳେ ଧାନରୁ ମିଳୁଥିବା ନଡାକୁ ନେଇ ଛତୁ ଚାଷଟିକୁ ଘରେ ଘରେ ଆପଣେଇ ନେଲେଣି। ଓଡ଼ିଶାରେ ଛତୁଚାଷର ପ୍ରଚାର ଓ ପ୍ରସାର ହେବା ପାଇଁ ସରକାରୀ ଓ ବେସରକାରୀ ସଂସ୍ଥା ମାଧ୍ୟମରେ ପ୍ରୋତ୍ସାହନ ଜାରି ରହିଅଛି। ବିଗତ ୫ବର୍ଷ ଭିତରେ ଛତୁ ଚାଷୀମାନଙ୍କର ସଂଖ୍ୟା ବଢ଼ି ବଢ଼ି ଚାଲିଛି ଏବଂ ସେହି ଅନୁସାରେ ଉତ୍ପାଦନ ମଧବଢ଼ି ଚାଲିଛି। ଧିଙ୍ଗିରି ଛତୁ ଅପେକ୍ଷା ଓଡ଼ିଶାରେ ପାଳ ଛତୁର ଚାହିଦା ଅଧିକ। ପାଳ ଛତୁ ଚାଷରେ ଜାତୀୟସ୍ତରରେ ଓଡ଼ିଶାର ସ୍ଥାନ ପ୍ରଥମ ଅଟେ। ଓଡ଼ିଶାର ପୁରପଲ୍ଲୀରେ ଛତୁ ଚାଷ କରାଯାଉଥିଲେ ମଧ ଛତୁର ସଂରକ୍ଷଣ ଓ ଛତୁର ପ୍ରକ୍ରିୟାକରଣ ବ୍ୟବସ୍ଥାର ଅଭାବ ରହିଛି। ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମ ତଥା ଜିଲ୍ଲାସ୍ତରୀୟ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ମହିଳା ଓ ଛତୁ ଉଦ୍ୟୋଗୀମାନଙ୍କୁ ଛତୁର ମୂଲ୍ୟଯୁକ୍ତ ପଦାର୍ଥ (ଆଚାର, ବଡ଼ି, ସୁପ୍

ପାଉଡର ଇତ୍ୟାଦି) ଉପରେ ତାଲିମ ଦିଆଯାଉଛି ଏବଂ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟଏହାକୁ ବିକ୍ରିବଟା କରିବାରେ ସକ୍ଷମ ହୋଇପାରିଛନ୍ତି।

## ପାଳ ଛତୁରେ ଥିବା ଖାଦ୍ୟ ଉପାଦାନ

ସମସ୍ତ ଖାଦ୍ୟୋପଯୋଗୀ ଛତୁମାନଙ୍କ ମଧ୍ୟରେ ପାଳ ଛତୁ ସର୍ବୋତ୍କୃଷ୍ଟ। ଏହାର ସ୍ୱାଦ ଏବଂ ବାସନା କ୍ଷୁଧା ଉଦ୍ରେକକାରୀ। ଏହି ଛତୁର ପୋଷକତତ୍ତ୍ୱ ସାରଣୀ-୧ରେ ଦିଆଯାଇଛି।

**ସାରଣୀ- ୧ (ଗ୍ରାମ୍/୧୦୦ ଗ୍ରାମ୍ ସତେଜ ଛତୁରେ)**

| ଉପାଦାନ | ପରିମାଣ | ଉପାଦାନ | ପରିମାଣ |
|---|---|---|---|
| ଜଳୀୟଅଂଶ | ୯୦.୪୦ | ଲୌହ | ୦.୧୦ |
| ପୁଷ୍ଟିସାର | ୩.୯୦ | ଫସ୍‌ଫରସ୍ | ୦.୩୨ |
| ଶ୍ୱେତସାର | ୧.୭୦ | ପୋଟାସିୟମ | ୦.୦୫୬ |
| ସ୍ନେହସାର | ୦.୨୫ | କ୍ୟାଲସିୟମ୍ | ୦.୦୦୧ |
| ତନ୍ତୁ | ୧.୮୭ | ନିଆସିନ୍ | ୦.୦୨୪ |
| ଭସ୍ମ | ୧.୧୦ | ଆସ୍କୋରୋବିକ୍ ଏସିଡ୍ | ୦.୧୮ |

## ଉପଯୁକ୍ତ ସ୍ଥାନ

**ପାଳଛତୁ:** ଖରା ପଡୁନଥିବା, ବାୟୁ ଚଳପ୍ରଚଳ କରୁଥିବା ଓ ଭଲଭାବରେ ଆଲୁଅ ପଡୁଥିବା ସ୍ଥାନରେ ପାଳଛତୁ ହୋଇଥାଏ। ଏହା ମାଟିରୁ ଛଅ ଇଞ୍ଚ ଉପରେ ଭାଡ଼ି ବାନ୍ଧି (୨/୩ଫୁଟ x ୨/୩ ଫୁଟ) ଚାଷ କରାଯାଏ।

**ଧିଙ୍ଗିରି ଛତୁ:** ବାୟୁଚଳପ୍ରଚଳ କରୁଥିବା ଅନ୍ଧାରୁଆ ସ୍ଥାନରେ ଧିଙ୍ଗିରି ଛତୁ ଚାଷ କରାଯାଏ। ପଲିଥିନ୍‌ମୁଣାରେ ଏହି ଚାଷ ହେଉଥିବାରୁ ଭାଡ଼ିର ଆବଶ୍ୟକତା ପଡ଼େ ନାହିଁ।

## ଉତ୍କୃଷ୍ଟ ମଞ୍ଜି/ବିହନ:

ଉତ୍କୃଷ୍ଟ ଛତୁବିହନ ଚିହ୍ନଟ ନିମନ୍ତେ କେତୋଟି ବିଷୟପ୍ରତି ଧ୍ୟାନ ଦେବାକୁ ପଡେ।

- **ଛତୁ ମଞ୍ଜିର ରଙ୍ଗ :** ଛତୁ ମଞ୍ଜିର ରଙ୍ଗ ସର୍ବଦା ଇଷତ୍ ଧଳା, ଇଷତ୍ ହଳଦିଆ ଏବଂ ଇଷତ୍ ବାଦାମି ରଙ୍ଗର ହୋଇଥିବ। ଛତୁ ବିହନ କିଣିବା ସମୟରେ ନିମ୍ନଲିଖିତ ତଥ୍ୟକୁ କଡ଼ାକଡ଼ି ଭାବେ ଦେଖିବେ।

- **ଇନୋକୁଲେଶନ ତାରିଖ :** ଛତୁ ଫିମ୍ପି ମଞ୍ଜିରେ କେବେ ପକାଗଲା ତା'ର ତାରିଖ। ଇନୋକୁଲେଶନ ହେବାର ୧ମାସ ମଧ୍ୟରେ ଛତୁବିହନ ବ୍ୟବହାର କରିବା ଉଚିତ୍। ତା'ଠାରୁ ଅଧିକ ଦିନର ଛତୁ ମଞ୍ଜିରେ ଉତ୍ପାଦନ କ୍ଷମତା କମି କମି ଆସେ।
- **ଅବଧି ଶେଷ ତାରିଖ (Expiry date):** ଏହି ତାରିଖ ଜଣାଥିଲେ ଜଣେ ଚାଷୀ/ ଉଦ୍ୟୋଗୀ ସେହି ସମୟ ଭିତରେ ମଞ୍ଜିଟିକୁ ବ୍ୟବହାର କରିରିବେ।
- **ମଞ୍ଜି ଉତ୍ପାଦକ ସଂସ୍ଥା :** ଛତୁ ମଞ୍ଜି ସବୁ ଜାଗାରେ ମିଳେନାହିଁ। ତେଣୁ ଏହା କୌଣସି ଛତୁ ମଞ୍ଜି ଉତ୍ପାଦକ ବିଜ୍ଞାନଗାର କିମ୍ବା କୌଣସି ଜଣାଶୁଣା ଦକ୍ଷ ଉତ୍ପାଦନକାରୀ, ବେସରକାରୀ ଓ ସରକାରୀ ସଂସ୍ଥାଠାରୁ ଉତ୍ତମମାନର ଛତୁ ମଞ୍ଜି କିଣିବା ଉଚିତ୍।

## ଛତୁ ଚାଷ ପାଇଁ ଉତ୍ତମ ପରିବେଶ

ସାଧାରଣତଃ ପାଳ ଛତୁ ଚାଷ ପାଇଁ ତିନୋଟି ବିଷୟ ପ୍ରତଧ୍ୟାନ ଦେବାକୁ ପଡ଼ିଥାଏ। ଯଥା- ପ୍ରାକୃତିକ ପରିବେଶ, ପରିଷ୍କାର ପରିଚ୍ଛନ୍ନତା, ଉତ୍ତମ ମଞ୍ଜି/ ବିହନ। ଅନୁମୋଦିତ ପରିମାଣର ଉତ୍ତାପ, ଆର୍ଦ୍ରତା, ଆଲୋକ ଓ ଅମ୍ଳଜାନ କମ୍ କିମ୍ବା ଅଧିକ ହେଲେ କବକ ଜାଲ (ଫିମ୍ପି)ର ଅଭିବୃଦ୍ଧିରେ ତାରତମ୍ୟ ଦେଖାଯାଇଥାଏ ଏବଂ ଅମଳ ମଧ୍ୟକମିଯାଏ। ତେଣୁ ନିମ୍ନଲିଖିତ ପ୍ରାକୃତିକ ଅବସ୍ଥାଗୁଡ଼ିକୁ ସଠିକ୍ ମାତ୍ରାରେ ବଜାୟ ରହିରିଲେ ଉତ୍ତମ ଫଳ ମିଳିପାରିବ।

- **ଉତ୍ତାପ :** ୨୫° ରୁ ୩୮° ସେଲ୍‌ସିୟସ୍ ଉତ୍ତାପରେ ପାଳ ଛତୁ ଭଲଭାବରେ ବଢ଼ିଥାଏ। ପାଳ ଛତୁର ଫିମ୍ପି/କବକ ୩୦°-୩୫° ସେଲସିୟସ୍ ତାପମାତ୍ରାରେ ଉତ୍ତମ ରୂପେ ବଢ଼ିଥାଏ। ସେଥିପାଇଁ ଫେବୃଆରୀ ୧୫ତାରିଖରୁ ଆରମ୍ଭ କରି ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ଆମର ଓଡ଼ିଶାର ପରିବେଶରେ ପାଳଛତୁ ଚାଷ କରାଯାଇଥାଏ। ୨୫° ସେଲସିୟସ୍‌ରୁ କମ୍ ଉତ୍ତାପ ହେଲେ କବକଜାଲ ସୁପ୍ତ ହୋଇଯାଏ ଏବଂ ୪୦° ସେଲ୍‌ସିୟସ୍‌ରୁ ଅଧିକ ହେଲେ କବକ ଜାଲ ମରିଯାଏ ଏବଂ ଛତୁର ଉପାଦନ କମିଯାଏ। ସାଧାରଣତଃ ଏପ୍ରିଲ ରୁ ଜୁନ୍ ମାସରେ ତାପମାତ୍ରା ୩୫°-୪୫° ସେଲ୍‌ସିୟସ ପର୍ଯ୍ୟନ୍ତ ରହୁଥିବାରୁ ଅଞ୍ଚ କେତେକ ଚାଷୀ ଏହି ଚାଷକୁ ବନ୍ଦ କରିଦେଇଥାନ୍ତି ଏବଂ ଆଉ କେତେକ ଏହି ସମସ୍ୟାକୁ ଦୂର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାନ୍ତି।
- ଛତୁଘର/ ଛତୁ ଯାଗା ତଳେ ବାଲିଶଯ୍ୟା ପ୍ରସ୍ତୁତ କରି ପାଣି ସିଞ୍ଚନ କରନ୍ତି।
- ଛତୁ ଘର ଥିଲେ ତା'ର ଚଟାଣ ଉପରେ ପାଣି ଢାଳି ଦିଅନ୍ତି।
- ଛତୁ ଚାଷ କରୁଥିବା ଯାଗାରେ ନଡ଼ା ବା ନଡ଼ିଆ ବାହୁଙ୍ଗାର ଛପର କରି ଥଣ୍ଡା ରଖନ୍ତି।

- ଛତୁ ଘର କିମ୍ବା ସ୍ଥାନର ଚାରିପଟରୁ ଅଖା, ବେଣା ଚେର କିମ୍ବା ମଶିଣାର ପରଦାକୁ ଓଦା ରଖି ଉତ୍ତାପକୁ କମାଇଥାନ୍ତି।
- ଏପରିକି ଶୂନ୍ୟଛାତ ଓ କାନ୍ଥକୁ ପାଣି ସ୍ପ୍ରେକରି ଘର/ସ୍ଥାନଟିକୁ ଥଣ୍ଡା ରଖନ୍ତି।
- ଦିନ ୯ଟା ଠାରୁ ଆରମ୍ଭ କରି ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଛତୁ ବେଡ଼ରୁ ଜରିକୁ ଟିକେ ହାଲ୍‌କା ଖୋଲି ଦିଅନ୍ତୁ।

➢ **ଆର୍ଦ୍ରତା :** ପାଳ ଛତୁ ଚାଷ ପାଇଁ ୭୫-୯୫% ଆର୍ଦ୍ରତା ରହିବା ଆବଶ୍ୟକ। ଉତ୍ତାପ ସହିତ ବାୟୁର ଆର୍ଦ୍ରତା ପାଳ ଛତୁ ପାଇଁ ନିହାତି ଆବଶ୍ୟକ। ବର୍ଷାଦିନେ ସାଧାରଣତଃ ଆବଶ୍ୟକୀୟ ଆର୍ଦ୍ରତା ରହିଥାଏ। କିନ୍ତୁ ଅନ୍ୟ ଋତୁମାନଙ୍କର ଆର୍ଦ୍ରତାର ପରିମାଣ କମିଗଲେ ଘରକୁ ଓଦା ରଖିବା, ବାହାର ଯାଗାରେ ବାଲି ଶଯ୍ୟା ଉପରେ ପାଣି ସିଞ୍ଚିବା, ଘରର ଚାରିପଟେ ଟଣାଯାଇଥିବା ଅଖାକୁ ଓଦାରଖିବା ଇତ୍ୟାଦି କରିବାକୁ ପଡିଥାଏ। ଏତଦ୍‌ବ୍ୟତୀତ ଛତୁ ଉଦ୍ୟୋଗୀମାନେ ହ୍ୟୁମିଡିଫାୟାର ବ୍ୟବହାର କରି ମଧ୍ୟ ଆର୍ଦ୍ରତା ପରିଚାଳନା କରିପାରିବେ। ଛତୁ ଗୃହର ଉତ୍ତାପ ଏବଂ ଆର୍ଦ୍ରତାକୁ ସଠିକ୍ ଭାବରେ ଜାଣିବା ପାଇଁ ଥର୍ମୋହାଇଗ୍ରୋମିଟର ବ୍ୟବହାର କରାଯାଇଥାଏ।

➢ **ଆଲୋକ :** ଏହି ଚାଷ ପାଇଁ ୧୦୦୦ଲକ୍ସ ଆଲୋକର ଆବଶ୍ୟକ ହୋଇଥାଏ। ଅପେକ୍ଷାକୃତ ଖୋଲାଘର, ସିଧାସଳଖ ସୂର୍ଯ୍ୟକିରଣ ନ ପଡୁଥିବା ଯାଗା, ଗଛ ଛାଇ ତଳ ଆଲୋକ ପାଳ ଛତୁ ଚାଷ ପାଇଁ ଉତ୍ତମ ହୋଇଥାଏ। ଜଣେ ବୟସ୍କ ବ୍ୟକ୍ତି ଯେଉଁ ଆଲୋକରେ ପଢ଼ିପାରିବେ, ସେତିକି ପରିମାଣର ଆଲୋକରେ ଛତୁ ଚାଷ କରାଯାଇପାରିବ।

➢ **ପବନ :** ଦେହକୁ ସୁହାଇଲା ଭଳି ପବନ ପାଳ ଛତୁକୁ ଆବଶ୍ୟକ ପଡିଥାଏ। ଛତୁର ଅଙ୍ଗପ୍ରତ୍ୟଙ୍ଗ (କବକ ଜାଲ) ବୃଦ୍ଧି ସମୟରେ କମ୍ ପବନ ଓ ପ୍ରଜନନ (ଫୁଟିବା) ସମୟରେ ଅଧିକ ପବନର ଆବଶ୍ୟକତା ପଡିଥାଏ। ତେଣୁ ଘର ଭିତରେ ଚାଷ କଲେ ବାହାରର ପବନ ଭିତରକୁ ଯାତାୟାତ କରିବା ବ୍ୟବସ୍ଥା ରହିବା ଆବଶ୍ୟକ। ଅର୍ଥାତ୍, ଘରଟି ସମ୍ପୂର୍ଣ୍ଣ ନିବୁଜ ନହୋଇ କାନ୍ଥ ଚାରିପଟ ଖୋଲା ରହିଲେ ଉତ୍ତମ ଫଳ ମିଳିଥାଏ।

➢ **ଅମ୍ଳତା :** ପାଳ ଛତୁରେ ନଡ଼ାର ଅମ୍ଳତା ୬ ରୁ ୭ ପର୍ଯ୍ୟନ୍ତ ରହିବା ଉତ୍ତମ। ସାଧାରଣତଃ, ପାଳ ଛତୁ କ୍ଷାରଅମ୍ଳ ଦରକାର କରୁଥିବାବେଳେ ଅନ୍ୟାନ୍ୟ ପ୍ରତିଦ୍ୱନ୍ଦ୍ୱୀ ଫିମ୍ପିମାନଙ୍କର ଅମ୍ଳ ମଧ୍ୟମ ବା ପିଏଚ୍-୫ ଦରକାର କରିଥାନ୍ତି। ପାଳ ଛତୁ ଚାଷରେ ନଡାର ଅମ୍ଳତାକୁ ଜାଣିବା ପାଇଁ ଲିଟ୍‌ମସ୍ ପେପର ନେଇ ପି.ଏଚ୍. ପରୀକ୍ଷା କରନ୍ତୁ। ଅନୁମୋଦିତ

ପରିମାଣର ଚୁନ/ଚକ୍ ପାଉଡର ନେଇ ଅମ୍ଳତାକୁ ନିୟନ୍ତ୍ରଣ କରିପାରିବେ।


➢ **ନଡାର ଆର୍ଦ୍ରତା :** ପାଳଛତୁ ଚାଷ ପାଇଁ ନଡ଼ାର ଆର୍ଦ୍ରତା ୬୫ ଶତକଡ଼ା ରହିବା ଆବଶ୍ୟକ। ନଡ଼ାକୁ ଚିପୁଡ଼ିଲେ ଯଦି ପାଣି ବାହାରୁ ନଥିବ କିନ୍ତୁ ହାତକୁ ଓଦା ଓଦା ଲାଗୁଥିବ ତାହାହେଲେ ଆର୍ଦ୍ରତା ଠିକ୍ ରହିଛି ବୋଲି ଜାଣିବା। ନଡ଼ାରେ ୬୫ ଶତକଡ଼ାରୁ ଅଧିକ ଜଳୀୟଅଂଶ ରହିଲେ ନଡ଼ା ପଚିଯାଏ ଏବଂ କବକ ଜାଲ ସଠିକ୍ ଭାବରେ ବଢ଼ିପାରେ ନାହିଁ। ଅଧିକ କବକ ଜାଲ ମାଡ଼ିଲେ ବି ସବୁ ଶାଗୁଦାନା କଢ଼ି ହୁଏ ନାହିଁ, ପଚିଯାଏ; ଏଣୁ ଅମଳ କମିଯାଏ। ଯଦି ୬୫ ଶତକଡ଼ାରୁ କମ୍ ଜଳ ରୁହେ ତେବେ ନଡ଼ାରେ ଫିମ୍ପି ମାଡ଼ିପାରେ ନାହିଁ। ତେଣୁ ଅମଳ ମଧ୍ୟକମ୍ ହୁଏ। ଅପରପକ୍ଷରେ ବର୍ଷାଦିନେ ସମୟେ ସମୟେ ତାପମାତ୍ରା ୨୫° ସେଲସିୟସ୍‌ରୁ କମିଯାଇଥାଏ ଏବଂ ଥଣ୍ଡା ପାଇ କବକ ଜାଲର ବୃଦ୍ଧି ହୋଇପାରେ ନାହିଁ। ସେଥିପାଇଁ ବେଡ଼କୁ ଗରମ ରଖିବା ପାଇଁ ବେଡ଼ର ପଲିଥିନ୍‌କୁ ଭଲ ଭାବରେ ଘୋଡାଇ ରଖାଯାଏ କିମ୍ବା ଗୃହ ଭିତରେ ବିଦ୍ୟୁତ୍ ବଲବ୍ ଓ ରୁମ୍ ହିଟର ଲଗାଇ ସ୍ଥାନଟିର ଉତ୍ତାପ ବଢାଯାଇଥାଏ।

## ଚାଷ ପ୍ରଣାଳୀ:

### ପାଳଛତୁ:

❖ ତିନିରୁ ଛଅମାସ ପୂର୍ବରୁ ଅମଳ ହୋଇଥିବା ଓ ବେଙ୍ଗଲା ପଡ଼ିନଥିବା ଧଳା ମୂଳିଆ ଟାଣ ନଡ଼ା ସଂଗ୍ରହ କରି ପତ୍ର ଅଂଶକୁ କାଟି ଦିଅନ୍ତୁ।

❖ ସୁବିଧା ଥିଲେ ଗରମ ପାଣି ଥିବା କୁଣ୍ଡରେ ଅଧଘଣ୍ଟା ପର୍ଯ୍ୟନ୍ତ ବିଶୋଧନ କରନ୍ତୁ।



- ପାଣିରୁ ନଡ଼ା ଛାଣିନେଇ ୨-୩ ଘଣ୍ଟା ଛାଇ ଏବଂ ପରିଷ୍କାର ସ୍ଥାନରେ ଡେରିଦେଇ ଶୁଖାନ୍ତୁ ଯେପରିକି ଚିପୁଡ଼ିଲେ ପାଣି ବାହାରିବ ନାହିଁ।
- ଗୋଟିଏ ଭାଡ଼ି/ବେଡ଼ ପାଇଁ ୨୫୦ଗ୍ରାମ ହିସାବରେ ଯେକୌଣସି ଡାଲିଗୁଣ୍ଡ (ବୁଟ, ହରଡ଼, ବେସନ ଇତ୍ୟାଦି) ସଂଗ୍ରହ କରି ସମାନ ଚାରି ଭାଗ କରନ୍ତୁ।
- ଶୁଖାଯାଇଥିବା ନଡ଼ାକୁ ଚାରିଭାଗ କରନ୍ତୁ ଯେଭଳି ପ୍ରଥମ, ଦ୍ୱିତୀୟ, ତୃତୀୟ ଭାଗ ସମାନ ହେବ ଏବଂ ଚତୁର୍ଥ ଭାଗଟି ଅନ୍ୟଭାଗର ଅଧାରୁ କମ୍ ହେବ ଯାହା ଭାଡ଼ିର ଉପର ଅଂଶରେ ବ୍ୟବହାର ହୋଇଥାଏ।
- ବୋତଲ ଭାଙ୍ଗି ଛତୁମଞ୍ଜି ବାହାର କରି ମଞ୍ଜିକୁ ବଡ଼ିଭଳି (ଅଧଇଞ୍ଚ) ମାତ୍ରାରେ ଛୋଟ ଛୋଟ କରି ସମାନ ଚାରିଭାଗ କରନ୍ତୁ।
- ପ୍ରଥମ ଭାଗ ନଡ଼ାକୁ ଭାଡ଼ି ଉପରେ ଲମ୍ବଭାବରେ ପକାନ୍ତୁ ଯେପରିକୁ ନଡ଼ାର ମୋଟେଇ ୬-୯ ଇଞ୍ଚ ହେବ। ନଡ଼ାର ଚାରିପାଖରେ ୩/୪ ଇଞ୍ଚ ଛାଡି ଏକ ଭାଗ ମଞ୍ଜି ଗୋଟି ଗୋଟି କରି ଚାରିପାଖରେ ସମାନ ବ୍ୟବଧାନରେ ପକାନ୍ତୁ। ଯାହାଦ୍ୱାରା ଛତୁମଞ୍ଜି ବେଶି ଭିତରକୁ କିମ୍ବା ମଝି ଅଂଶକୁ ପଡ଼ିବ ନାହିଁ। ଏହାପରେ ମଞ୍ଜି ଉପରେ ଏକଭାଗ ଡାଲିଗୁଣ୍ଡ ପକାନ୍ତୁ।
- ବର୍ତ୍ତମାନ ଦ୍ୱିତୀୟ ଭାଗ ନଡ଼ାକୁ ପ୍ରଥମସ୍ତରର ବିପରୀତ ଦିଗରେ ବିଛାଇ ଦିଅନ୍ତୁ ଅର୍ଥାତ୍ ପ୍ରଥମ ସ୍ତର ଯଦି ପୂର୍ବ ପଶ୍ଚିମ ଦିଗରେ ପଡ଼ିଥାଏ ତାହେଲେ ଦ୍ୱିତୀୟ ଭାଗ ନଡ଼ା ଉତ୍ତର ଦକ୍ଷିଣ ଦିଗରେ ପକାଇବେ। ପ୍ରଥମ ସ୍ତର ଭଳି ଏକଭାଗ ଛତୁମଞ୍ଜି ଓ ଡାଲିଗୁଣ୍ଡ ପୂର୍ବପରି ଚାରିପଟରୁ ୩/୪ ଇଞ୍ଚ ଛାଡ଼ି ପକାନ୍ତୁ।
- ତୃତୀୟ ଭାଗ ନଡ଼ାକୁ ପ୍ରଥମ ସ୍ତର ନଡ଼ା ପଡିଥିବା ଦିଗରେ ପକାନ୍ତୁ। ଅର୍ଥାତ୍ ପ୍ରଥମ ସ୍ତର ନଡ଼ା ଯଦି ପୂର୍ବ ପଶ୍ଚିମ ଦିଗରେ ପଡ଼ିଥିବ ତୃତୀୟ ସ୍ତର ନଡ଼ା ମଧ୍ୟ ପୂର୍ବ ପଶ୍ଚିମ ଦିଗରେ ପଡ଼ିବ। ନଡ଼ାର ଚାରିପାଖରେ ୩-୪ଇଞ୍ଚ ଛାଡ଼ି ସବୁ ସ୍ଥାନରେ ବାକି ଦୁଇଭାଗ ଛତୁ ମଞ୍ଜି ଓ ଡାଲିଗୁଣ୍ଡ ପୂର୍ବପରି ପକାନ୍ତୁ।
- ମଞ୍ଜି ପଡିବାର ୧୦/୧୫ ଦିନ ଭିତରେ ଛତୁ ପ୍ରଥମ ଅମଳ କରାଯାଏ। ଛତୁ କଢ଼ ଅବସ୍ଥାରେ ଅମଳ କରନ୍ତୁ।
- ଦ୍ୱିତୀୟଥର ଛତୁ ଅମଳ ୮/୧୦ ଦିନ ପରେ ହୋଇଥାଏ ଏବଂ ପୂର୍ବଭଳି କଢ଼ ଅବସ୍ଥାରେ ଛତୁ ଅମଳ କରନ୍ତୁ। ଛତୁ ଅମଳ ସରିବା ପରେ ବ୍ୟବହୃତ ନଡ଼ା ଗୋଖାଦ୍ୟ ଭାବରେ ବ୍ୟବହାର କରିପାରିବେ।

❖ ମଞ୍ଜି ପଡ଼ିବାର ୧୦ରୁ ୨୫ ଦିନ ମଧ୍ୟରେ ଗୋଟିଏ ଭାଡ଼ି/ବେଡରୁ ଅତିକମ୍‌ରେ ୧ରୁ୨ କିଲୋଗ୍ରାମ ଛତୁ ଅମଳ କରିପାରିବେ ।

## ଧିଙ୍ଗିରି ଛତୁ:

❖ ତିନିମାସରୁ ଛଅମାସ ପୂର୍ବରୁ ଅମଳ ହୋଇଥିବା ଓ ବେଙ୍ଗଳା ପଡ଼ିନଥିବା ଧଳା ମୂଳିଆ ଟାଣ ନଡ଼ା ସଂଗ୍ରହ କରନ୍ତୁ ।

❖ ପତ୍ର ଅଂଶକୁ ବାଦ କରି ଅବଶିଷ୍ଟ ୪ କି.ଗ୍ରା ହିସାବରେ ନଡ଼ା କାଟି ୧୦ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ପରିଷ୍କାର ଥଣ୍ଡା ପାଣିରେ ବୁଡ଼ାଇ ରଖନ୍ତୁ ।

❖ ଏହାପରେ ନଡ଼ାରୁ ପାଣି ନିଗାଡ଼ି ଧାନ ସିଝାଇଲା ଭଳି ଅଧଘଣ୍ଟା ପର୍ଯ୍ୟନ୍ତ ସିଝାନ୍ତୁ ଏବଂ ପରିଷ୍କାର ସ୍ଥାନ ଓ ଛାଇରେ ଶୁଖାଇ ଯେପରି ଚିପୁଡ଼ିଲେ ଆଦୌ ପାଣି ବାହାରିବ ନାହିଁ ।

❖ ପାଞ୍ଚଶହ ଗ୍ରାମ ଭଲ ଗହମ ୨-୩ଘଣ୍ଟା ପାଣିରେ ବତୁରାଇ ଅଧାସିଝାଇ (୩୦ମିନିଟ୍) ଥଣ୍ଡା କରନ୍ତୁ ।

❖ ଶୁଖାଯାଉଥିବା ନଡ଼ାକୁ ଦୁଇଟି ବେଡ଼/ପିଣ୍ଡୁଳା ପାଇଁ ସମାନ ଦୁଇଭାଗ କରନ୍ତୁ ଓ ପ୍ରତି ଭାଗକୁ ସମାନ ପାଞ୍ଚ ଭାଗ କରନ୍ତୁ ।

❖ ବୋତଲରୁ ଛତୁମଞ୍ଜି ପରିଷ୍କାର ଓ ବିଶୋଧିତ ଲୁହାଦଣ୍ଡ ସାହାଯ୍ୟରେ ବାହାର କରି ଦୁଇଟି ବେଡ଼ ପାଇଁ ଦୁଇ ଭାଗ କରନ୍ତୁ । ପ୍ରତି ଭାଗକୁ ପୁଣି ଚାରିଭାଗ କରନ୍ତୁ । ଅଧା ସିଝା ଗହମକୁ ମଧ୍ୟ ଭାଗ ଭାଗ (ଦୁଇ ଭାଗ ଓ ଭାଗକୁ ପୁଣି ଚାରିଭାଗ) କରନ୍ତୁ ।

❖ ଦୁଇପଟ ଖୋଲାଥିବା ପଲିଥିନ୍ ବ୍ୟାଗ୍/ମୁଣାରେ ଗୋଟିଏ ପଟକୁ ସୁତୁଲିରେ ବାନ୍ଧନ୍ତୁ ଏବଂ ବ୍ୟାଗ୍‌ଟିକୁ ଓଲଟାଇ ଦିଅନ୍ତୁ ।



- ❖ ପ୍ରଥମ ସ୍ତର ନଡ଼ା ପକାଇ ସାମାନ୍ୟ ଚାପି ଦିଅନ୍ତୁ । ଏକ ଭାଗ ଛତୁମଞ୍ଜି ନଡ଼ା ଉପରେ ପକାନ୍ତୁ ଏବଂ ଏକ ଭାଗ ସିଝା ଗହମ ଉପରେ ପକାନ୍ତୁ । ଏହାପରେ ଦ୍ୱିତୀୟ ସ୍ତର ନଡ଼ା ପକାନ୍ତୁ ଏବଂ ଉପରୋକ୍ତ ଅନୁଯାୟୀ ଛତୁମଞ୍ଜି ଓ ଗହମ ପକାନ୍ତୁ । ଏହିପରି ୪ଟି ସ୍ତର ମଞ୍ଜି ପକାଇ ସାରିବାପରେ ଉପର/ଶେଷ ସ୍ତର ପାଇଁ ଥିବା ନଡ଼ା ପକାଇ ଚାପି ଦିଅନ୍ତୁ ଏବଂ ପଲିଥିନ୍‌ର ମୁଣ୍ଡକୁ ସୁତୁଲିରେ ବାନ୍ଧନ୍ତୁ ।
- ❖ ପଲିଥିନ୍‌ର ବିଭିନ୍ନ ସ୍ଥାନରେ ୭/୮ଟି କଣା କରି ୧୫ଦିନ ପର୍ଯ୍ୟନ୍ତ ଅନ୍ଧାରୁଆ ଏବଂ ବାୟୁ ଚଳପ୍ରଚଳ କରୁଥିବା ସ୍ଥାନରେ ରଖି ଦିଅନ୍ତୁ ।
- ❖ ଛତୁ ବେଡ଼ ସମ୍ପୂର୍ଣ୍ଣ ଧଳା ଦେଖାଗଲେ କିମ୍ବା ୧୫ ଦିନ ପରେ ପଲିଥିନ ଖୋଲି ଦଉଡ଼ିରେ ସିଧାକରି ବେଡ/ପିଣ୍ଡୁଳାକୁ ଖରା ପଡୁନଥିବା(କମ୍ ଆଲୋକ) ସ୍ଥାନରେ ଝୁଲାଇ ଦିଅନ୍ତୁ ।
- ❖ ବେଡ଼/ପିଣ୍ଡୁଳା ଖୋଲିବାର ଦିନକପରେ ପ୍ରତ୍ୟେକ ୨ରୁ ୩ଥର ପରିଷ୍କାର ଥଣ୍ଡା ପାଣି ସ୍ପ୍ରେ କରନ୍ତୁ ।
- ❖ ମଞ୍ଜି ପଡ଼ିବାର ୨୧ ଦିନ ପରେ ଛତୁ ପ୍ରଥମେ ଅମଳ ହୋଇଥାଏ ଏବଂ ଦୁଇମାସ ମଧ୍ୟରେ ୩ରୁ ୪ ଥରରେ ପତି ବେଡ଼/ ପିଣ୍ଡୁଳାରୁ ୨କି.ଗ୍ରା ଛତୁ ଅମଳ କରିପାରିବେ ।





**ବି:ଦ୍ର: ସବିଶେଷ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ ସହ ଯୋଗାଯୋଗ କରନ୍ତୁ । ଫୋନ:୦୬୬୪୧-୨୨୬୧୨୨**













Printed at: ankitagraphics, Bhubaneswar
email: saroj77337@gmail.com, Ph. 9437077337